بسم الله الرحمن الرحيم

## ୩୧ଅଗଷ୍ଟ ୨୦୧୮ ଖୁତବା ଜୁମାର ସାରାଂଶ
## ସ୍ଥାନ-ମସଜିଦ୍ ବୟତୁଲ୍ ଫୁତୁହ୍,ଲଣ୍ଡନ୍

**ଆଁ ହଜ଼ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ମହାନ୍ ପଦମର୍ଯ୍ୟାଦା ସମ୍ପନ୍ନ ବଦର ସାହାବା ର.ଅଙ୍କ ଜୀବନୀର ବିଶ୍ୱାସ ବର୍ଦ୍ଧକ, ହୃଦୟଦ୍ରାବୀ ଏବଂ ଦୁଃଖପ୍ରଦ ଘଟଣାବଳୀର ମନମୁଗ୍ଧକର ଚର୍ଚ୍ଚା ।**

ତଶହୁଦ୍ ତାଉଜ୍ ଏବଂ ସୁରା ଫାତିହାର ଆବୃତ୍ତି କରିବା ପରେ ହୁଜୁର୍ ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବେନସ୍ରେହିଲ୍ ଅଜ଼ିଜ୍ କହିଲେ ଯେ, ଆଜି ମୁଁ କେତେକ ବଦରି ସାହାବାମାନଙ୍କ ସମ୍ପର୍କରେ ଆଲୋଚନା କରିବି । ତନ୍ମଧ୍ୟରୁ ସର୍ବପ୍ରଥମ ସାହାବି ହେଉଛନ୍ତି ହଜ଼ରତ୍ ଉମୈର୍ ବିନ୍ ଅବି ୱକ୍କାସ୍ ଜଣେ ବଦରି ସାହାବି ଥିଲେ । ସେ ୨ ହିଜରିରେ ବଦର୍ ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିଲେ । ହଜ଼ରତ୍ ଉମୈର୍ ର.ଅ ହଜ଼ରତ୍ ସାଆଦ୍ ବିନ୍ ଅବି ୱକ୍କାସଙ୍କର ସାନ ଭାଇ ଥିଲେ ଏବଂ ପ୍ରାରମ୍ଭିକ ଇସଲାମ ଧର୍ମ ଗ୍ରହଣକାରୀଙ୍କ ମଧ୍ୟରେ ଆନ୍ୟତମ ଥିଲେ । ତାଙ୍କ ମାତାଙ୍କ ନାମ ହିମନା ବିନତ୍ ସୁଫିୟାନ୍ ଥିଲା । ସେ ବନୁ ଜୁହରା ସଂପ୍ରଦାୟଭୁକ୍ତ ଥିଲେ । ସେ ବଦର୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ ଏବଂ ସେହିଠାରେ ହିଁ ସେ ମୃତ୍ୟୁବରଣ କରିଥିଲେ । ଆଁହଜ଼ରତ୍ ସ.ଅ ହଜ଼ରତ୍ ଉମୈର୍ ଏବଂ ଅମ୍ର ବିନ୍ ମୁଆଜ଼ଙ୍କ ମଧ୍ୟରେ ମୈତ୍ରିକ ସଂପର୍କ ସ୍ଥାପନ କରିଥିଲେ । ବଦର୍ ଯୁଦ୍ଧ ସଂପର୍କରେ ଏହା ଉଲ୍ଲେଖ ରହିଛି ଯେ, ମଦିନା ଠାରୁ କିଛି ଦୂର ଗଲାପରେ ଆଁହଜ଼ରତ୍ ସ.ଅ ଶିବିର ପକାଇଲେ ଏବଂ ଆଦେଶ ଦେଇ ସୈନ୍ୟଦଳ ନିରୀକ୍ଷଣ କଲେ । କମ୍ ବୟସ ପିଲାମାନେ ଯେଉଁମାନେ କି ହମରେକାବ୍‌ର ଅଭିରୁଚି ରଖି ହୁଜୁର୍ ସ.ଅଙ୍କ ସହିତ ଚାଲି ଆସିଥିଲେ ହୁଜୁର୍ ସ.ଅ ସେମାନଙ୍କୁ ଫେରିଯିବା ପାଇଁ କହିଲେ । ସେତେବଳେ ସାଆଦ୍ ବିନ ଅବି ୱକ୍କାସଙ୍କ ସାନ ଭାଇ ଉମୈରଙ୍କ ବୟସ ମଧ୍ୟ ଖୁବ୍ କମ୍ ଥିଲା । ହଜ଼ରତ୍ ଉମୈର୍ ଯେତେବେଳେ ପିଲାମାନଙ୍କର ପ୍ରତ୍ୟାବର୍ତ୍ତନ କଥା ଶୁଣିଲେ ସେତେବେଳେ ସେ ସୈନ୍ୟଦଳ ଭିତରେ ଏଣେତେଣେ ଲୁଚିବାକୁ ଲାଗିଲେ । ପରିଶେଷରେ ହଜ଼ରତ୍ ଉମୈର୍ ର.ଅଙ୍କ ପାଳି ଆସିଲା ଏବଂ ଆଁହୁଜୁର୍ ସ.ଅ ତାଙ୍କ ପ୍ରତ୍ୟାବର୍ତ୍ତନର ଆଦେଶ ଦେଲେ । ଏହି ଆଦେଶଟିକୁ ଶୁଣି ସେ କାନ୍ଦିବାକୁ ଲାଗିଲେ । ପୁନଶ୍ଚ ହୁଜୁର୍ ସ.ଅ ତାଙ୍କର ଏହି ଅସାଧାରଣ ରୁଚି ରହିଥିବା ଦେଖି ବଦର୍ ଯୁଦ୍ଧରେ ଶାମିଲ ହେବା ପାଇଁ ଅନୁମତି ପ୍ରଦାନ କଲେ । ତାଙ୍କର ତରବାରୀ ବଡ଼ ଥିଲା। ଏକ ବର୍ଣ୍ଣନାରେ ଉଲ୍ଲିଖିତ ରହିଛି ଯେ, ଆଁହଜ଼ରତ୍ ସ.ଅ ନିଜର ପବିତ୍ର ହସ୍ତରୁ ହଜ଼ରତ୍ ଉମୈର୍ ର.ଅଙ୍କ ତରବାରୀକୋଷକୁ ଭିଡ଼ି ବାନ୍ଧିଲେ । ହଜ଼ରତ୍ ଉମୈର୍ ବିନ୍ ଅବି ୱକ୍କାସ୍ ଯେତେବେଳେ ବଦର୍ ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିଲେ ସେତେବେଳେ ତାଙ୍କୁ ମାତ୍ର ଷୋହଳ (୧୬) ବର୍ଷ ବୟସ ହୋଇଥିଲା।

ଅନ୍ୟ ସାହାବି ଯାହାଙ୍କର ଚର୍ଚ୍ଚା ହେବାକୁ ଅଛି ସେ ହେଉଛନ୍ତି ହଜ଼ରତ୍ କତବା ବିନ୍ ଆମିର୍ ଅନସାରୀ । ସେ ଆମିର୍ ବିନ୍ ହଦିଦାଃଙ୍କର ପୁତ୍ର ଥିଲେ । ତାଙ୍କର ଦେହାନ୍ତ ହଜ଼ରତ୍ ଉସମାନ୍ ର.ଅଙ୍କ ଖିଲାଫତ୍ ଶାସନକାଳରେ ହୋଇଥିଲା । ତାଙ୍କ ମାତାଙ୍କ ନାମ ଜ଼ୈନବ୍ ବିନତ୍ ଅମ୍ର ଥିଲା । ତାଙ୍କ ସ୍ତ୍ରୀଙ୍କ ନାମ ଉମ୍ମେ ଅମ୍ର ଅଟେ । ଯାହାଙ୍କ ଠାରୁ ଏକ ଝିଅ ଜାତ ହୋଇଥିଲେ ଯାହାଙ୍କ ନାମ ଉମ୍ମେ ଜମିଲ୍ ଅଟେ । ବୈତେ ଉଲା ଏବଂ ବୈତେ ସାନିୟାଃ ଉଭୟ ବୈତରେ ସେ ଶାମିଲ ହୋଇଥିଲେ ଏବଂ ସେ ସେହି ଛଅ ଜଣ ସାହାବାମାନଙ୍କ ମଧ୍ୟରୁ ଅନ୍ୟତମ ଅଟନ୍ତି ଯେ,କି ମକ୍କାରେ ଆଁହଜ଼ରତ୍ ସ.ଅଙ୍କ ଉପରେ ଇମାନ୍ ଆଣିଥିଲେ ଏବଂ ତାଙ୍କ ପୂର୍ବରୁ ଅନସାରମାନଙ୍କ ମଧ୍ୟରୁ କେହି ମୁସଲମାନ୍ ଧର୍ମରେ ଦିକ୍ଷୀତ ହୋଇ ନଥିଲା ।

ହୁଜୁର୍ ସ.ଅଙ୍କ ସାହାବାମାନଙ୍କ ମଧ୍ୟରେ ହଜ଼ରତ୍ କ଼ତବା ଜଣେ ଅଭିଜ୍ଞ ଧନୁର୍ଧାରୀ ରୂପେ ପରିଚିତ । ସେ ବଦର୍ ଯୁଦ୍ଧ , ଓହୋଦ୍, ଖନ୍ଦକ଼ ଏବ୍ୟ ଅନ୍ୟ ସମସ୍ତ ଯୁଦ୍ଧରେ ହୁଜୁର୍ ସ.ଅଙ୍କ ସହିତ ଶାମିଲ ହୋଇଥିଲେ । ଓହୋଦ୍ ଯୁଦ୍ଧରେ ସେ ଅତ୍ୟନ୍ତ ସାହାସିକତାର ସହିତ ଯୁଦ୍ଧ ଲଢିଥିଲେ । ସେହି ଯୁଦ୍ଧ ଦିନ ତାଙ୍କୁ ନଅଟି କ୍ଷତ ଆସିଥିଲା ଏବଂ ମକ୍କା ବିଜୟ ହେବା ଅବସରରେ ବନୁ ସଲମାର ଧ୍ୱଜା ତାଙ୍କରି ହାତରେ ହିଁ ରହିଥିଲା । ବଦର୍ ଯୁଦ୍ଧରେ ହଜରତ୍ କ଼ତବାଙ୍କର ଅବିଚଳ ପାଦର ଏପରି ଅବସ୍ଥା ଥିଲା ଯେ, ସେ ଦୁଇ ସଫ୍ ଅର୍ଥାତ୍ ଧାଡ଼ି ମଧ୍ୟରେ ଏକ ପଥର ଖଣ୍ଡ ରଖିଲେ ଏବଂ କହିଲେ ଯେ,ମୁଁ ସେପର୍ଯ୍ୟନ୍ତ ଏଠାରୁ ହଲିବି ନାହିଁ ଅର୍ଥାତ୍ ପଳାୟନ କରିବି ନାହିଁ ଯେପର୍ଯ୍ୟନ୍ତ କି ଏହି ପଥର ଖଣ୍ଡଟି ଏଠାରୁ ଦୋହଲି ହୋଇ ପଳାୟନ କରି ନଯାଉ । ଅର୍ଥାତ୍ ସେ ଏହି ସର୍ତ୍ତଟି ଲଗାଇଲେ ଯେ, ମୋ ଜୀବନ ପଛେ ଯାଉ ହେଲେ ମୁଁ ଯୁଦ୍ଧଭୂମି ଛାଡ଼ି ଯାଇପାରିବି ନାହିଁ । ତାଙ୍କର ଭାଇ ୟଜ଼ିଦ୍ ବିନ୍ ଆମିର୍ ଥିଲେ ଯେ,କି ସତୁରି ଅନସାରଙ୍କ ସହିତ ବୈତେ ଉକ଼ବାରେ ଶାମିଲ୍ ହୋଇଥିଲେ । ଅବୁ ହାତିମଙ୍କଠୁ ବର୍ଣ୍ଣନା କରାଯାଏ ଯେ,ହଜ଼ରତ୍ କ଼ତବା ବିନ୍ ଆମିରଙ୍କର ବିୟୋଗ ହଜ଼ରତ୍ ଉମର୍ ର.ଅଙ୍କ ଖିଲାଫତ୍ ଶାସନକାଳରେ ହୋଇଥିଲା କିନ୍ତୁ ଇବ୍ନେ ଜବ୍ବାରଙ୍କ ମତାନୁଯାୟୀ ସେ ହଜ଼ରତ୍ ଉସମାନ ର.ଅଙ୍କ ଖିଲାଫତ ଶାସନକାଳରେ ମୃତ୍ୟୁବରଣ କରିଥିଲେ ।

ତୃତୀୟ ସାହାବି ଯାହାଙ୍କ ଚର୍ଚ୍ଚ ହେବାକୁ ଅଛି ସେ ହେଉଛନ୍ତି ସୁଜାଆ ବିନ୍ ୱହବ୍ ଯେ,କି ୱହବ୍ ବିନ୍ ରବିୟାଃଙ୍କ ପୁତ୍ର ଥିଲେ ତାଙ୍କର ମୃତ୍ୟୁ ୟମାମାଃ ଯୁଦ୍ଧରେ ହୋଇଥିଲା । ତାଙ୍କୁ ସୁଜାଆ ବିନ୍ ଅବି ୱହବ୍ ମଧ୍ୟ କୁହାଯାଏ । ତାଙ୍କର ବଂଶ ବନୁ ଅବ୍ଦେ ଶମସଙ୍କର ମିତ୍ର ଥିଲେ । ସେ ଅଧିକ ଉଚ୍ଚତା ସଂପନ୍ନ ବ୍ୟକ୍ତି ଥିଲେ, ତାଙ୍କର ଶରୀର ପତଳା ଏବଂ ତାଙ୍କ କେଶ ଅତ୍ୟନ୍ତ ଘନାକାର ଥିଲା । ହଜ଼ରତ୍ ସୁଜାଆ ସେହି ସାହାବା ର.ଅଙ୍କ ମାନଙ୍କ ମାଧ୍ୟରୁ ଅନ୍ୟତମ ଅଟନ୍ତି ଯେ,କି ଇସଲାମ ଧର୍ମର ପ୍ରାରମ୍ଭିକ ଅବସ୍ଥାରେ ହିଁ ହୁଜୁର୍ ସ.ଅଙ୍କ ଉପରେ ଇମାନ୍ ଆଣିଥିଲେ । ବେସତେ ନବୱି ଅର୍ଥାତ୍ ଆଁହଜ଼ରତ୍ ସ.ଅଙ୍କ ନବି ରୂପେ ଅବତରଣ ହେବାର ୬ ବର୍ଷ

ପରେ ହୁଜୁର୍ ସ.ଅଙ୍କ ଇଙ୍ଗିତ କ୍ରମେ ହବଶା ଆଡ଼କୁ ପ୍ରାବାସକାରୀଙ୍କ ଅନ୍ୟ ଯାତ୍ରୀ ସମୂହରେ ସେ ଶାମିଲ୍ ହୋଇ ହବଶାକୁ ଚାଲିଯାଇଥିଲେ । କିଛି ଦିନ ପରେ ଏହି ଗୁଜବ୍ ଅର୍ଥାତ୍ ଉଡ଼ା ଖବର ଶୁଣି ଯେ, ମକ୍କାବାସୀ ମୁସଲମାନ୍ ଧର୍ମରେ ଦୀକ୍ଷିତ ହୋଇଯାଇଛନ୍ତି । ହଜ଼ରତ୍ ସୁଜାଆ ହବଶାରୁ ମକ୍କା ସହରକୁ ଫେରି ଆସିଲେ । କିଛି ଦିନ ପରେ ହୁଜୁର୍ ସ.ଅ ଯେତେବଳେ ନିଜର ସାହାବା କରାମମାନଙ୍କୁ ମଦିନା ଆଡ଼କୁ ପ୍ରବାସ କରିବା ପାଇଁ ଅନୁମତି ପ୍ରଦାନ କରିଲେ ସେତେବେଳେ ହଜ଼ରତ୍ ସୁଜାଆ ମଧ୍ୟ ନିଜର ଭାଇ ଉକ୍‌ବା ବିନ ୱହବଙ୍କ ସାଙ୍ଗରେ ମକ୍କାର ଭୂମିକୁ ବିଦାୟ ଜଣାଇ ମଦିନା ଚାଲିଗଲେ । ହଜ଼ରତ୍ ସୁଜାଆ ବଦର୍, ଓହୋଦ୍ ଖନ୍ଦକ୍ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ହୁଜ଼ର୍ ସ.ଅଙ୍କ ସହିତ ଶାମିଲ ଥିଲେ ଏବଂ ସେ ୪୦ ବର୍ଷରୁ ଉର୍ଦ୍ଧ୍ୱ ବୟସ ସୀମା ଜୀବତ ରହି ୟମାମାଃ ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିଲେ ।

ଆଁହଜ଼ରତ୍ ସ.ଅ ହଜରତ୍ ସୁଜାଆ ର.ଅଙ୍କୁ ପ୍ରଚାରିକ ପତ୍ର ଦେଇ ହାରିସ୍ ବିନ୍ ଅବି ଶମର୍ ଗସ୍ସାନିଙ୍କ ନିକଟକୁ ଦୂତରୂପେ ପ୍ରେରଣ କରିଥିଲେ ଯେ,କି ଦମିଶ୍‌କର  ନିକଟବର୍ତ୍ତୀ ଗୋତା ନାମକ ଏକ ସ୍ଥାନର ଧନାଢ୍ୟ ଶାସକ ଥିଲା। ରବିଉଲ୍ ମାସ ସନ୍ ୮ ହିଜରିରେ ଯେତେବଳେ ହୁଜୁର୍ଙ୍କୁ ସ.ଅଙ୍କୁ ଏକ ସୂଚନା ମିଳିଲା ଯେ, ବନୁ ହୱାଜ଼ିନର ଏକ ଶାଖା ବନୁ ଆମିର୍ ମୁସଲମାନମାନଙ୍କ ବୁରୁଦ୍ଧରେ ଯୁଦ୍ଧ କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି ସେତେବେଳେ ହୁଜୁର୍ ସ.ଅ ହଜ଼ରତ୍ ସୁଜାଆ ର.ଅଙ୍କୁ ୨୪ ଜଣ ମୁଜାହେଦିନ୍ (ଧର୍ମଯୋଦ୍ଧା) ପ୍ରଦାନ କରି ସେମାନଙ୍କୁ ଦଣ୍ଡିତ କରିବା ପାଇଁ ନିଯୁକ୍ତ କରିଥିଲେ । ସେତେବେଳେ ବନୁ ଆମିରଙ୍କର ଲୋକମାନେ ମଦିନା ଠାରୁ ପାଞ୍ଚ ରାତ୍ରିର ଦୂରତ୍ୱ ବ୍ୟବଧାନରେ ମକ୍କା ଓ ବସରାଃ ନାମକ ମଧ୍ୟବର୍ତ୍ତୀ ସ୍ଥାନରେ ଶିବିର ସ୍ଥାପନ କରି ଜଗି ରହିଥିଲେ । ହଜ଼ରତ୍ ସୁଜାଆ ର.ଅ ଦିନବେଳା ମୁଜାହିଦିନମାନଙ୍କ ସାଙ୍ଗରେ ଯାତ୍ରା କରୁଥିଲେ ଏବଂ ରାତ୍ରବେଳା ଚୁଟି ରହୁଥିଲେ । ଏପର୍ଯ୍ୟନ୍ତ କି ହଠାତ୍ ସକାଳେ ବନୁ ଆମିରଙ୍କର ନିକଟରେ ପହଞ୍ଚିଗଲେ । ସେମାନେ ଅର୍ଥାତ୍ କୁଫ୍ଫାରମାନେ ମୁସଲମାନମାନଙ୍କ ବିରୁଦ୍ଧରେ ଆକ୍ରମଣ କରିବା ପାଇଁ ବାହାରିଥିଲେ ଏବଂ ନିଜର ସମସ୍ତ ସୈନ୍ୟସାମନ୍ତ ମାନଙ୍କୁ ଧରି ପ୍ରସ୍ତୁତ ହୋଇ ଆସିଥିଲେ କିନ୍ତୁ ହଠାତ୍ ମୁସଲମାନମାନଙ୍କୁ ନିଜ ପାଖରେ ଦେଖି ସେମାନେ ବ୍ୟସ୍ତବିବ୍ରତ ହୋଇ ଯୁଦ୍ଧ କରିବା ପରିବର୍ତ୍ତେ ସେମାନେ ସେଠାରୁ ପଳାୟନ କଲେ । ହଜୁରତ୍ ସୁଜାଆ ନିଜର ମୁଜାହେଦିନମାନଙ୍କୁ ଏହି ଆଦେଶଟି ଦେଲେ ଯେ, ସେମାନେ ଆଉ କୁଫ୍ଫାରମାନଙ୍କର ପିଛା କରନ୍ତୁ ନାହିଁ ଏବଂ ମାଲେ ଗନିମତ୍ ଅର୍ଥାତ୍ ଯୁଦ୍ଧରେ ଶତ୍ରୁ ସୈନ୍ୟମାନଙ୍କ ଠାରୁ ବଳପୂର୍ବକ ପ୍ରାପ୍ତ ହୋଇଥିବା ଯେଉଁ ବହୁମୂଲ୍ୟ ଧନରତ୍ନ ସବୁ ରହିଛି ,ସେମାନେ ଛାଡ଼ିଯାଇଥିବା ଏହି ବିପୁଳ ପରିମାଣର ଧନରତ୍ନ ଗୁଡ଼ିକ ଯଥା ଓଟ, ଛେଳି ମେଣ୍ଢା ଆଦିକୁ ପାଛୋଟି ନେଇ ମଦିନାକୁ ନେଇ ଚାଲିଆସନ୍ତୁ । ସୁତରାଂ ମାଲେ ଗନିମତର ପ୍ରଚୁରତାରୁ ଏହା ଅନୁମାନ କରାଯାଇପାରିବ ଯେ, ପ୍ରତ୍ୟେକ ମୁଜାହିଦକୁ ୧୫,୧୫ ଲେଖାଏ ଓଟ ମିଳିଥିଲା ଏବଂ ଏହା ବ୍ୟତୀତ ଅନ୍ୟ ଜିନିଷପତ୍ର ଓ ଆସବାବପତ୍ରସବୁ ମଧ୍ୟ ରହିଥିଲା ଯାହାକି ମୁଜାହିଦିନମାନଙ୍କ ମଧ୍ୟରେ ସୁଷମରୂପେ ବଣ୍ଟନ ହୋଇଥିଲା । ଅର୍ଥାତ୍ ଆକ୍ରମଣକାରୀମାନେ ସଂପୂର୍ଣ୍ଣରୂପେ ପ୍ରସ୍ତୁତ ହୋଇ ଆସିଥିଲେ ଏବଂ ଯୁଦ୍ଧୀୟ ଅସ୍ତ୍ରଶସ୍ତ୍ର, ସରାଞ୍ଜାମ ଧାରଣ କରିଥିଲେ ହେଲେ ମୁସଲମାନମାନଙ୍କୁ ନିଜ ସମ୍ମୁଖରେ ଦେଖି ଘାବରେଇ ଯାଇ ସେଠାରୁ ପଳାୟନ କଲେ ।

ପୁନଶ୍ଚ ଯେଉଁ ସାହାବିଙ୍କ ବିଷୟରେ ମୁଁ ଚର୍ଚ୍ଚା କରିବି ତାଙ୍କ ନାମ ହେଉଛି ହଜ଼ରତ୍ ଶମାସ୍ ବିନ୍ ଉସମାନ୍ ର.ଅ । ତାଙ୍କ ପିତାଙ୍କ ନାମ ଉସମାନ୍ ବିନ୍ ଶରିଦ୍ ଥିଲା । ଓହୋଦ ଯୁଦ୍ଧ ୩ ହିଜରିରେ ସେ ମୃତ୍ୟୁବରଣ କରିଥିଲେ ତାଙ୍କ ନାମ ଉସମାନ୍ ଥିଲା ଏବଂ ସାଂଙ୍ଖା ଶମାସ୍ ଥିଲା । ସେ ବନୁ ମଖଜ଼ୁମ୍ ସମୁଦାୟଭୁକ୍ତ ଥିଲେ ଏବଂ ପ୍ରାରମ୍ଭିକ ପର୍ଯ୍ୟାୟରେ ହିଁ ସେ ମୁସଲମାନ ହୋଇୟାଇଥିଲେ । ହଜ଼ରତ୍ ଶମାସ୍ ବିନ୍ ଉସମାନ୍ ଏବଂ ତାଙ୍କର ମାତାଶ୍ରୀ ହଜ଼ରତ୍ ସଫିୟାଃ ବିନତ୍ ରବିୟାଃ ବିନ ଅଦ୍ଧେ ଶମସ୍ ହବସା ଆଡ଼କୁ ଦ୍ୱିତୀୟ ପ୍ରବାସକାରୀଙ୍କ ମଧ୍ୟରେ ଶାମିଲ୍ ଥିଲେ । ହଜ଼ରତ୍ ଶମାସ୍ ବିନ୍ ଉସମାନଙ୍କ ମାତାଶ୍ରୀ ମକ୍କାର ଦୁଇ ଶାସକ ଯଥା ଶୋବା ଏବଂ ଉତବାଙ୍କର ଭଉଣୀ ଥିଲେ । ଏହି ଶାସକମାନେ ବଦର୍ ଯୁଦ୍ଧରେ ପ୍ରାଣ ହରାଇଥିଲେ । ସେ ହବଶାରୁ ଫେରି ମଦିନା ଆଡ଼କୁ ପ୍ରବାସ କରିଥିଲେ । ରସୁଲୁଲ୍ଲାଃ ସ.ଅ ହଜରତ୍ ଶମାସ୍ ବିନ ଅବି ଆମିରଙ୍କ ମଧ୍ୟରେ ମୈତ୍ରିକ ସଂପର୍କ ସ୍ଥାପନ କରିଥିଲେ ।

ହଜ଼ରତ୍ ଶମାସ୍ ବିନ୍ ଉସମାନ୍ ବଦର୍ ଏବଂ ଓହୋଦ୍ ଯୁଦ୍ଧରେ ଶାମିଲ ହୋଇଥିଲେ । ସେ ଓହୋଦ ଯୁଦ୍ଧରେ ଅତ୍ୟନ୍ତ ସାହାସିକତାର ସହିତ ଲଢିଥିଲେ । ରସୁଲୁଲ୍ଲାଃ ସ.ଅ କହିଲେ ଯେ, ମୁଁ ଶମାସ୍ ବିନ୍ ଉସମାନଙ୍କୁ ଢାଲ ସଦୃଶ ପାଇଅଛି । ହଜ଼ରତ୍ ଶମାସ୍ ସ୍ୱୟଂକୁ ରସୁଲୁଲ୍ଲାଃ ସ.ଅଙ୍କ ଆଗରେ ଢାଲ ରୂପେ ଛିଡ଼ା ହୋଇ ରହିଥିଲେ । ଏପରିକି ହଜ଼ରତ୍ ଶମାସ୍ ଗରୁତର ରୂପେ ଆହତ ତଥା କ୍ଷତାକ୍ତ ହୋଇଯାଇଥିଲେ ଏବଂ ତାଙ୍କୁ ସେହି ଅବସ୍ଥାରେ ହିଁ ମଦିନାକୁ ଉଠାଇ ଅଣାଯାଇଥିଲା ସେତେବେଳେ ତାଙ୍କ ଶରୀରରେ କିଛି ଜୀବନ ବାକି ରହିଥିଲା, ତାଙ୍କୁ ହଜ଼ରତ୍ ଆଏଶା ର.ଅ ଘରକୁ ନିଆଯାଇଥିଲା । ହଜ଼ରତ୍ ଉମ୍ମେ ସଲମା କହିଲେ ଯେ, ତୁମେମାନେ କ'ଣ ମୋର ଚଚାଙ୍କର ପୁତ୍ରକୁ ମୋ ଘରକୁ ନ ଆଣି ପର ଘରକୁ ନେଇଯିବ ? ପ୍ରତ୍ୟୁତ୍ତରରେ ହୁଜ଼ୁର୍ ସ.ଅ କହିଲେ ଏବଂ ଆଦେଶ ଦେଲେ ଯେ, ହଜରତ୍ ଶମାସଙ୍କୁ ଉଠାଇ ହଜ଼ରତ୍ ସଲମାଙ୍କ ପାଖକୁ ନେଇ ଚାଲ । ତେଣୁ ଶମାସ୍ ର.ଅଙ୍କୁ ସେଠାକୁ ହିଁ ନିଆଗଲା ଏବଂ ସେହିଠାରେ ହିଁ ସେ ମୃତ୍ୟୁବରଣ କରିଥିଲେ । ପୁନଶ୍ଚ ହୁଜ଼ୁର୍ ସ.ଅଙ୍କ ଆଦେଶାକ୍ରମେ ହଜ଼ରତ୍ ଶମାସଙ୍କୁ ଓହୋଦ୍ ନାମକ ସ୍ଥାନକୁ ନିଆଯାଇ ସେହି ବସ୍ତ୍ରରେ ହି ତାଙ୍କୁ କ୍ବବର ଦିଆଯାଇଥିଲା । ହଜ଼ରତ୍ ଶମାସ୍ ର.ଅଙ୍କର ମୃତ୍ୟୁ ୩୪ ବର୍ଷ ବୟସରେ ହୋଇଥିଲା ।

ପୁନଶ୍ଚ ଆଉ ଜଣେ ସାହାବି ହେଉଛନ୍ତି ଅବୁ ଅବସ୍ ବିନ୍ ଜବର୍ ର.ଅ । ତାଙ୍କ ପିତାଙ୍କ ନାମ ଜବର୍ ବିନ୍ ଅମ୍ର ଥିଲା । ତାଙ୍କର ମୃତ୍ୟୁ ୩୪ ହିଜରିରେ ସତୁରି ବର୍ଷ ବୟସରେ ହୋଇଥିଲା । ସେ ଅନସାରଙ୍କ ବନୁ ହାରିସାଃ ସଂପ୍ରଦାୟଭୁକ୍ତ ଥିଲେ । ଅବିଜ୍ଞ କାଳରେ ତାଙ୍କର ନାମ ଅବ୍ଦୁଲ୍ ଉଜ୍‌ଜ଼ା ଥିଲା । ନବି କରିମ୍ ସ.ଅ ତାଙ୍କର ନାମକୁ ବଦଳାଇ ଅବ୍ଦୁର୍ ରେହମାନ୍ ନାମ କରି ଦେଇଥିଲେ । ସେ ବଦର୍ ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ନିବ କରିମ୍ ସ.ଅଙ୍କ ସହିତ ଶାମିଲ ଥିଲେ । କାଆବ୍ ବିନ୍ ଅଶରଫ୍ ଇହୁଦୀକୁ ଯେଉଁ ସାହାବାମାନେ ହତ୍ୟା କରିଥିଲେ ସେ ମଧ୍ୟ ତାଙ୍କ ମଧ୍ୟରେ ସଂପୃକ୍ତ ଥିଲେ । ରସୁଲୁଲ୍ଲାଃ ସ.ଅ ହଜ଼ରତ୍ ଅବୁ ଅବସ୍ ର.ଅ ଏବଂ

ହଜ଼ରତ୍ ଉନୈସ୍ ର.ଅଙ୍କ ମଧ୍ୟରେ ମୈତ୍ରିକ ସଂପର୍କ ସ୍ଥାପନ କରିଥିଲେ । ହଜ଼ରତ୍ ଅବୁ ଅବସଙ୍କର ନମାଜ଼େ ଜନାୟା ହଜ଼ରତ୍ ଉସମାନ୍ ର.ଅ ପଢାଇଥିଲେ ଏବଂ ଜନ୍ନତୁଲ୍ ବକ଼ି ଠାରେ ତାଙ୍କୁ କବର ଦିଆଯାଇଥିଲା । ହୁଜୁର୍ ସ.ଅଙ୍କ ନବୁଓ୍ୱତ୍ କାଳରେ ଯେତେବେଳେ ହଜ଼ରତ୍ ଅବୁ ଅବସ୍ ର.ଅ ନିଜର ଦୃଷ୍ଟି ଶକ୍ତି ହରାଇ ବସିଥିଲେ ସେତେବେଳେ ଆଁହଜ଼ରତ୍ ସ.ଅ ହଜ଼ରତ୍ ଅବୁ ଅବସଙ୍କୁ ଏକ ଲଉଡ଼ି ଠେଙ୍ଗା ଅର୍ଥାତ୍ ପ୍ରଦାନ କରି ଏହା କହିଲେ ଯେ, ତୁମ୍ଭେ ଏହି ଲଉଡ଼ି ଅର୍ଥାତ୍ ଠେଙ୍ଗାରୁ ହିଁ ଆଲୋକର ସନ୍ଧାନ କର । ଅତଃ ଯେତେବେଳେ ସେ ବାଟ ଚାଲୁଥିଲେ ସେହି ଲଉଡ଼ିଟି ତାଙ୍କ ଆଗରେ ଆଲୋକିତ ହେଉଥିଲା । ହୁଜୁରେ ଅନଓ୍ୱର୍ କହିଲେ ଏକ ବର୍ଣ୍ଣନାରେ ଏହା ମଧ୍ୟ ଉଲ୍ଲିଖିତ ରହିଛି ଯେ, ହଜ଼ରତ୍ ମସିଃ ମଉଦ୍ ଅ.ସ (ପ୍ରତିଶ୍ରୁତ ମସିଃ)ଙ୍କ ତିନିଜଣ ସାହାବି ଯାତ୍ରା କରୁଥିଲେ । ତାଙ୍କୁ ମଧ୍ୟ ଅଲ୍ଲାଃତାଲା ଏହିପରି ଦୃଶ୍ୟର ଅବଲୋକନ କରାଇଲେ ଯେ, ସେମାନଙ୍କ ସମ୍ମୁଖରେ ଆଲୋକ ଶିଖାଟି ଆଲୋକିତ ହୋଇ ଗତି କରୁଥିଲା ।

ହଜ଼ରତ୍ ଉସମାନ୍ ର.ଅ ହଜ଼ରତ୍ ଅବୁ ଅବସଙ୍କର ରୋଗାଗ୍ରସ୍ତ ଅବସ୍ଥାରେ ତାଙ୍କ ନିକଟକୁ ରୋଗୀ ପରିଦର୍ଶନ କରିବା ପାଇଁ ଆସିଲେ ସେତେବେଳେ ସେ ଚେତାଶୂନ୍ୟ ଅବସ୍ଥାରେ ଥିଲେ । ଯେତେବେଳେ ତାଙ୍କର ଚେତା ଫେରିଥିଲା ଏବଂ ସେ ସୁସ୍ଥ ହେବାକୁ ଲାଗିଲେ ସେତେବଳେ ହଜ଼ରତ୍ ଉସମାନ୍ ର.ଅ ତାଙ୍କୁ କହିଲେ ବର୍ତ୍ତମାନ ଆପଣ ନିଜକୁ କିପରି ଅନୁଭ କରୁଛନ୍ତି । ପ୍ରତ୍ୟୁତ୍ତରରେ ହଜ଼ରତ୍ ଅବୁ ଅବସ୍ ର.ଅ କହିଲେ ଯେ, ବର୍ତ୍ତମାନ ମୁଁ ନିଜକୁ ସୁସ୍ଥ ଅନୁଭବ କରୁଅଛି । ଏହା ବ୍ୟତୀତ ଏକ ଓଟର ଆଣ୍ଠୁରେ ବନ୍ଧାଯାଉଥିବା ଦଉଡ଼ିଟି ଯାହାକି ମୋ ଦ୍ୱାରା ଏବଂ ଅମ୍ମାଲଙ୍କ ଦ୍ୱାରା ଦୁର୍ଭାଗ୍ୟବଶତଃ ହଜି ଯାଇଥିଲା ବର୍ତ୍ତମାନ ସୁଦ୍ଧା ସେହି ଦଉଡ଼ି ପୀଡ଼ାରୁ ମୋତେ ମୁକ୍ତି ମିଳି ନାହିଁ ।

ହଜ଼ରତ୍ ଅନସ୍ ର.ଅଙ୍କଠୁ ବର୍ଣ୍ଣନା କରାଯାଏ ଯେ, ନବି କରିମ୍ ସ.ଅଙ୍କ ବ୍ୟତୀତ ଅନ୍ୟ କେହି ନମାଜ଼େ ଅସର୍ ଶୀଘ୍ର ପଢୁ ନଥିଲେ । ଅନସାର୍ ସାହାବିମାନଙ୍କର ମଧ୍ୟରେ ଏମିତି ଦୁଇଜଣ ସାହାବି ରହିଥିଲେ ଯାହାଙ୍କର ଘର ମସଜିଦେ ନବଓ୍ୱିର ସବୁଠୁ ଦୂରବର୍ତ୍ତୀ ସ୍ଥାନରେ ରହିଥିଲା । ତନ୍ମଧ୍ୟରୁ ହଜ଼ରତ୍ ଅବୁ ଲବାବାଃ ବିନ୍ ମୁନଜ଼ର୍ ଥିଲେ ଏବଂ ଅନ୍ୟଜଣେ ହଜ଼ରତ୍ ଅବୁ ଅବସ୍ ବିନ୍ ଜବର୍ ର.ଅ ଥିଲେ । ଅବୁ ଲବାବାଃଙ୍କର ଘର କୁବା ଠାରେ ଥିଲା ଏବଂ ହଜ଼ରତ୍ ଅବୁ ଅବସ୍ ର.ଅଙ୍କ ଘର ବନୁ ହାରିସାଃ ଠାରେ ଥିଲା । ଏହି ଦୁଇଜଣ ସାହାବି ରସୁଲୁଲ୍ଲାଃ ସ.ଅଙ୍କ ସହିତ ନମାଜ଼ ପଢୁଥିଲେ ଏବଂ ଯେତେବେଳେ ନିଜ ସମୁଦାୟକୁ ଫେରୁଥିଲେ ସେତେବେଳ ପର୍ଯ୍ୟନ୍ତ ସେଠାରେ ଅର୍ଥାତ୍ ତାଙ୍କ ସମୁଦାୟରେ ଅସର୍ ନମାଜ଼ ପଢା ଯାଉନଥିଲା । ହଜ଼ରତ୍ ଅବ୍ଦୁଲ୍ଲାଃ ବିନ ଅବସ୍ ର.ଅଙ୍କଠୁ ବର୍ଣ୍ଣନା କରାଯଏ ଯେ, ରସୁଲୁଲ୍ଲାଃ ସ.ଅ କହିଲେ ଯେ, ଯେଉଁ ବ୍ୟକ୍ତି ନିଜର ପାଦକୁ ଅଲ୍ଲାଃତଲାଙ୍କ ମାର୍ଗରେ ଧୂଳିସାତ୍ କଲା ସେହି ବ୍ୟକ୍ତି ଉପରେ ନର୍କର ଅଗ୍ନି ହରାମ୍ ଅର୍ଥାତ୍ ନିଷିଦ୍ଧ ଅଟେ ।

ପୁନଶ୍ଚ ଆଉ ଏକ ସାହାବି ଥିଲେ ଯାହାଙ୍କ ନାମ ହେଲା ହଜ଼ରତ୍ ଅବୁ ଅକୀଲ୍ ଅନସାରି ର.ଅ । ତାଙ୍କ ପିତାଙ୍କ ନାମ ଅବ୍ଦୁଲ୍ଲାଃ ବିନ୍ ସାଆଲବାଃ ଥିଲା । ତାଙ୍କର ମୃତ୍ୟୁ ୧୨ ହିଜରିରେ ୟମାମାଃ ଯୁଦ୍ଧରେ ହୋଇଥିଲା । ତାଙ୍କର ନାମ ଅବ୍ଦୁଲ୍ ଉଜ଼୍ଜ଼ା ଥିଲା । ଇସଲାମ୍ ଧର୍ମ ଗ୍ରହଣ କରିବା ପରେ ରସୁଲୁଲ୍ଲାଃ ସ.ଅ ତାଙ୍କ ନାମ ପରିବର୍ତ୍ତନ କରି ଅବ୍ଦୁର ରେହମାନ୍ ରଖିଥିଲେ । ସେ ବୁଲୈଈ୍ ସମୁଦାୟର ଏକ ଶାଖା ବନୁ ଉନୈବ୍ ସମୁଦାୟଭୁକ୍ତ ଥିଲେ ।

ବଦର୍ ଯୁଦ୍ଧ , ଓହୋଦ୍, ଖନ୍ଦକ୍ ଏବଂ ଅନ୍ୟ ସମସ୍ତ ଯୁଦ୍ଧରେ ଆଁହଜ଼ରତ୍ ସ.ଅ ସହିତ ସେ ସହଯାତ୍ରୀ ଥିଲେ । ସେ ୟମାମାଃ ଯୁଦ୍ଧରେ ୧୨ ହିଜରିରେ ହଜ଼ରତ୍ ଅବୁ ବକ୍କର୍ ର.ଅ ଖିଲାଫତ୍ ଶାସନକାଳରେ ବୀରଗତି ପ୍ରାପ୍ତ କରିଥିଲେ । ସେ ସେହି ସାହାବାମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ ଯେତେବେଳେ କି ହୁଜୁର୍ ସ.ଅ ସଦକ଼ା (ଅର୍ଥାତ୍ ଦାନ ଦକ୍ଷିଣା) କରିବା ପାଇଁ ଆଦେଶ ଦେଉଥିଲେ ସେତେବେଳେ ସେ ଅହୋରାତ୍ର (ଅର୍ଥାତ୍ ସାରା ରାତି) ଏହି କାର୍ଯ୍ୟ କରୁଥିଲେ ଏବଂ ଯାହାକିଛି ମିଳୁଥିଲା ତାହାକୁ ସେ ସଦକ଼ା (ଦାନ) କରିଦେଉଥିଲେ । ସୁତରାଂ ତାଙ୍କ ସମ୍ବନ୍ଧରେ ବୁଖାରିରେ ଏହା ଉଲ୍ଲେଖ ରହିଛି ଯେ, ହଜ଼ରତ୍ ଅବୁ ମସଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ଆମମାନଙ୍କୁ ସଦକ଼ା କରିବା ନିମନ୍ତେ ଆଦେଶ ହୋଇଥିଲା ସେତେବଳେ ଆମେମାନେ ନିଜ ମୁଣ୍ଡ ଉପରେ ବୋଝ ଲଦି ମୁଲ ଲାଗୁଥିଲୁ ।

ଅଲ୍ଲାମାଃ ଇବନେ ହଜର୍ ଅସକ଼ଲାନି ଯାହାଙ୍କୁ ସାହିବୁସ୍-ସା ମଧ୍ୟ କୁହାଯାଏ । ବର୍ଣ୍ଣନା କରନ୍ତି ଯେ, ଘଟଣାକ୍ରମଟି ଏପରି ଅଟେ ଯେ, ହଜ଼ରତ୍ ଅବ୍ଦୁର୍ ରେହମାନ୍ ବିନ୍ ଔଫ୍ ନିଜର ଅର୍ଦ୍ଧ ଧନସଂପତ୍ତି ଧରି ଆସିଲେ ଏବଂ ଅନସାରମାନଙ୍କ ମଧ୍ୟରୁ ଅବୁ ଅକିଲ୍ ନାମକ ଜଣେ ଦରିଦ୍ର ବ୍ୟକ୍ତି ଆଡ଼କୁ ଅଗ୍ରସର ହୋଇ କହିବାକୁ ଲାଗିଲେ , "ହେ ରସୁଲୁଲ୍ଲାଃ ସ.ଅ ମୁଁ ଖଜୁରୀର ଦୁଇ ସାଅ (ଅର୍ଥାତ୍ ୨ ସେର୍ ୧୪ ଛଟାଙ୍କ ଏବଂ ୪୦ ଗ୍ରାମ ଓଜନ) ବଦଳରେ ସାରା ରାତି କୂଅରୁ ପାଣି ବାଳଟି କାଢୁଥିଲି ଏବଂ ଗୋଟିଏ ସାଅ ମୁଁ ନିଜର ଘରଲୋକଙ୍କ ପାଇଁ ରଖିଦେଲି ଏବଂ ଅନ୍ୟ ସାଅଟି ଏ ଅଟେ । ସେତେବେଳେ ମୁନାଫିକ଼ମାନେ (ଅର୍ଥାତ୍ ବହୁମୁଖି) କହିଲେ ଯେ, ଅଲ୍ଲାଃତାଲା ଏବଂ ଅଲ୍ଲାଃଙ୍କର ରସୁଲ୍ ଅବୁ ଅକ଼ିଲଙ୍କର ଗୋଟିଏ ସାଅ ଠାରୁ ଅଧିକ ଧନବାନ୍ ଅଟନ୍ତି।" ସେତେବେଳେ ଅଲ୍ଲାଃତାଲା କୁରାନେ ଶରିଫରେ ଏହି ଆୟତଟି ଅବତୀର୍ଣ୍ଣ କରି କହିଲେ,

(التَّوبة:79) اَلَّذِيْنَ يَلْمِزُوْنَ الْمُطَّوِّعِيْنَ مِنَ الْمُؤْمِنِيْنَ فِي الصَّدَقَاتِ وَالَّذِيْنَ لَا يَجِدُوْنَ اِلَّا جُهْدَهُمْ ଅର୍ଥାତ୍ ବିଶ୍ୱାସକାରୀମାନଙ୍କ ମଧ୍ୟରୁ ଯେଉଁମାନେ ମୁକ୍ତ ହସ୍ତରେ ଦାନ କରନ୍ତି,ସେମାନଙ୍କୁ ଏ (କପଟବିଶ୍ୱାସୀ)ମାନେ ବିଦ୍ରୁପ କରନ୍ତି, ଏବଂ ଯେଉଁମାନଙ୍କର ନିଜ (ପରିଶ୍ରମ ଦ୍ୱାରା) ଉପାର୍ଜିତ ଧନ ବ୍ୟତୀତ (ଦାନ ଦେବା ପାଇଁ ) ଅନ୍ୟ କିଛି ସାମର୍ଥ୍ୟ ନଥାଏ ସେମାନଙ୍କୁ ମଧ୍ୟ ; ସୁତରାଂ ସେ ସେହି ଅନସାର୍ ସାହାବି ଥିଲେ ଯିଏ କି ମୁସୈଲମା କଜ଼୍ଜ଼ାବ୍ ଉପରେ ଶେଷ ପ୍ରାହାର କରିଥିଲେ । ଇବ୍ନେ ସାଆଦ୍ ଉଲ୍ଲେଖ କରନ୍ତି ଯେ, ୟମାମାଃ ଯୁଦ୍ଧ ଦିନ ମୁସଲମାନମାନଙ୍କ ମଧ୍ୟରୁ ସର୍ବପ୍ରଥମେ ହଜ଼ରତ୍ ଅବୁ ଅକିଲ୍ ଅନିଫି ଆହତ ତଥା ଗୁରୁତର ହୋଇଥିଲେ । ତାଙ୍କ କାନ୍ଧ ଏବଂ ହୃଦୟର ମଧ୍ୟବର୍ତ୍ତୀ ଭାଗରେ ତୀର ବାଜି ଥିଲା ଯାହାକି ବଙ୍କା ହୋଇଯାଇଥିଲା । ଫଳତଃ ସେ ଶହିଦ୍ (ଅର୍ଥାତ୍ ବୀରଗତି ପ୍ରାପ୍ତ)

ହୋଇପାରି ନଥିଲେ । ପୁନଶ୍ଚ ତାଙ୍କୁ ଉଠାଇ ଶିବିର ମଧ୍ୟକୁ ଅଣାଯାଇଥିଲା । ଯେତେବେଳେ ଯୁଦ୍ଧ ତୀବ୍ରତର ହେବାକୁ ଲାଗିଲା ସେତେବଳେ ସେ ହଜ଼ରତ୍ ମାଅନ୍ ବିନ୍ ଅଦିଙ୍କ ଶଦ୍ଧ ଶୁଣିଲେ । ସେ ଅନସାରମାନଙ୍କୁ ଉଚ୍ଚ ସ୍ୱରରେ ଯୁଦ୍ଧ ଲଢିବା ପାଇଁ ଡାକୁଥିଲେ।

ହଜ଼ରତ୍ ଅବ୍ଦୁଲ୍ଲାଃ ଇବ୍ନେ ଉମର୍ ର.ଅ ବର୍ଣ୍ଣନା କରନ୍ତି ଯେ, ପୁନଶ୍ଚ ହଜ଼ରତ୍ ଅବୁ ଅକିଲ୍ .ର.ଅ ଅନସାର୍ ମାନଙ୍କ ପାଖକୁ ଯିବା ପାଇଁ ଛିଡ଼ା ହୋଇଗଲେ ମୁଁ (ଅର୍ଥାତ୍ ଇବ୍ନେ ଉମର୍) କହିଲି ଯି ହେ ଅବୁ ଅକିଲ୍ ! ଆପଣ କ'ଣ ଚାହୁଁଛନ୍ତି । ଆପଣଙ୍କ ଭିତରେ ଆଉ ଲଢିବାର ସାମର୍ଥ୍ୟ ତ ନାହିଁ । ହଜ଼ରତ୍ ଅବୁ ଅକିଲ୍ କହିଲେ ଯେ, ଏହି ସ୍ୱରଟି ମୋର ନାମ ଧରି ମୋତେ ଡାକୁଅଛି । ମୁଁ କହିଲି ଯେ, ସେ ତ ଅନସାରମାନଙ୍କୁ ଡାକୁଅଛି, ଆହତମାନଙ୍କୁ ନୁହେଁ । ସେ ତ ସେହି ସାହାବାମାନଙ୍କୁ ଡାକୁଛନ୍ତି ଯେଉଁମାନ କି ଲଢିବା ପାଇଁ ଯୋଗ୍ୟ ଅଟନ୍ତି । ପ୍ରତ୍ୟୁତ୍ତରରେ ହଜ଼ରତ୍ ଅବୁ ଅକିଲ୍ ର.ଅ କହିଲେ ମାଆନ୍ ବିନ ଅଦି ତ ଅନସାରମାନଙ୍କୁ ଡାକିଛନ୍ତି । ମୁଁ ଆହାତ ହୋଇ ନଥାଉ କାହିଁକି ଏବଂ ମୁଁ ବି ଅନସାରମାନଙ୍କ ମଧ୍ୟରୁ ଜଣେ ଅଟେ । ତେଣୁ ମୁଁ ତାଙ୍କ ଡାକରେ ଅବଶ୍ୟ ଯିବି ଯଦିଓ ମୋତେ ଆଣ୍ଠୁ ସାହାଯ୍ୟରେ ଘୁଷୁରି ହୋଇ ଯିବାକୁ ପଡୁ ନା କାହିଁକି । ହଜ଼ରତ୍ ଇବ୍ନେ ଉମର୍ ର.ଅ ବର୍ଣ୍ଣନା କରନ୍ତି ଯେ, ହଜ଼ରତ୍ ଅବୁ ଅକ୍ଲିଲ୍ ର.ଅ ନିଜର ଅଣ୍ଟା ଭିଡ଼ିଲେ ଓ ନିଜର ଦକ୍ଷିଣ ହସ୍ତରେ କୋଷ ରହିତ ରତବାରୀ ଧରି ଏହି ଘୋଷଣା କରିବାକୁ ଲାଗିଲେ ଯେ,ହେ ଅନସାରମାନେ ହୁନୈନ୍ ଯୁଦ୍ଧ ପରି ଶତ୍ରୁ ଉପେର ପୁନର୍ବାର ଆକ୍ରମଣ କର । ସୁତରାଂ ଅନସାରମାନେ ଏକତ୍ରିତ ହୋଇଗଲେ । ଅଲ୍ଲାଃତାଲା ତାଙ୍କ ଉପରେ କୃପା କରନ୍ତୁ । ଅତଃଏବ୍ ମୁସଲମାନମାନେ ଅତ୍ୟନ୍ତ ସାହାସର ସହିତ ଶତ୍ରୁଙ୍କ ଅଭିମୁଖେ ଅଗ୍ରସର ହେଲେ । ଫଳତଃ କି ଶତ୍ରୁମାନେ ଯୁଦ୍ଧଭୂମି ଛାଡ଼ି ଉଦ୍ୟାନରେ ପ୍ରବେଶ କରିବାକୁ ବାଧ୍ୟ ହେଲେ । ହଜ଼ରତ୍ ଉମର୍ ବର୍ଣ୍ଣନା କରନ୍ତି ଯେ, ମୁଁ ହଜ଼ରତ୍ ଅବୁ ଅକିଲ୍ ର.ଅଙ୍କୁ ଦେଖିଲି ତାଙ୍କର ଆହତ ହୋଇଥିବା ହାତଟି କଟି ଭୂମି ଉପରେ ପଡ଼ି ରହିଥିଲା ଏବଂ ତାଙ୍କ ଶରୀରରେ ୧୪ଟି କ୍ଷତ ଚିହ୍ନ ଥିଲା ତନ୍ମଧ୍ୟରୁ ପ୍ରତ୍ୟେକ କ୍ଷତ ପ୍ରାଣଘାତକ ତଥା ପ୍ରାଣନାଶକ ଥିଲା । ଅଲ୍ଲାଃତାଲାଙ୍କର ପରମ ଶତ୍ରୁ ମୁସୈଲମା କଜ଼୍ଜ଼ାବର ସେତବେଳେ ନିହତ ହୋଇସାରିଥିଲା ସେ (ମୃତାବସ୍ଥାରେ) ମଧ୍ୟ ତାଙ୍କ ଅର୍ଥାତ୍ ଅବୁ ଅକିଲ୍ ର.ଅଙ୍କ ପାଖରେ ପଡ଼ିଥିଲା । ହଜ଼ରତ୍ ଅବୁ ଅକିଲ୍ ଭୂମି ଉପ଼ରେ ଆହତ ଅବସ୍ଥାରେ ପଡ଼ିଥିଲେ ଏବଂ ତାଙ୍କର ଶ୍ୱାସ ମନ୍ଥର ଅବସ୍ଥାରେ ଜାରି ରହିଥିଲା ଅର୍ଥାତ୍ ସେ ଶେଷ ନିଃଶ୍ୱାସ ନେଉଥିଲେ ମୁଁ (ହଜରତ୍ ଉମର୍ ର.ଅ) ଆନତ (ନଇଁ) ହୋଇ ହଜ଼ରତ୍ ଅବୁ ଅକ୍ଲିଲଙ୍କୁ କହିଲି ଯେ, ହେ ଅବୁ ଅକ୍ଲିଲ୍ ! ପ୍ରତ୍ୟୁତ୍ତରରେ ସେ କହିଲେ ଲବୈକ୍ ଅର୍ଥାତ୍ ମୁଁ ଉପସ୍ଥିତ ଅଛି ଏବଂ ପ୍ରକମ୍ପିତ ଓଠରୁ ପଚାରିଲେ ଯେ, କାହାର ବିଜୟ ହୋଇଛି ? ମୁଁ (ଅର୍ଥାତ୍ ହଜ଼ରତ୍ ଉମର୍ ର.ଅ)ଉତ୍ତର ଦେଲି ଯେ, ଆପଣଙ୍କୁ ସୁସମ୍ବାଦ ଦେଇ କହୁଛି ଯେ, ଏହି ଯୁଦ୍ଧରେ ମୁସଲମାନମାନେ ବିଜୟୀ ହୋଇଛନ୍ତି ଏବଂ ମୁଁ ଉଚ୍ଚ ସ୍ୱରରେ କହିଲି ଅଲ୍ଲାଃତାଲାଙ୍କର ପରମ ଶତ୍ରୁ ମୁସୈଲମା କଜ଼୍ଜ଼ାବ୍ ନିହତ ହୋଇଯାଇଅଛି । ଏହା ଶୁଣି ହଜ଼ରତ୍ ଅବୁ ଅକ୍ଲିଲ୍ ର.ଅ ଅଲ୍ଲାଃତାଲାଙ୍କର ପ୍ରଶଂସା କରି ଆକାଶ ଆଡ଼କୁ ଅଙ୍ଗୁଳୀ ନିର୍ଦ୍ଦେଶ କଲେ ଏବଂ ଆରପାରିକୁ ଚାଲିଗେଲେ । ଅଲ୍ଲାଃତାଲା ତାଙ୍କ ଉପରେ ଦୟା ଅବତରଣ କରନ୍ତୁ । ସେହିପରି ଅଲ୍ଲାଃତାଲା ସମସ୍ତ ସାହାବାମାନଙ୍କର (ଦରଜାତ) ଅର୍ଥାତ୍ ଆତ୍ମାକୁ ସଦଗତି ପ୍ରଦାନ କରନ୍ତୁ ।

ହୁଜୁରେ ଅନୱର୍ କହିଲେ: ଜୁମ୍ମା ନମାଜ଼ ପରେ ମୁଁ ୨ ବ୍ୟକ୍ତି ବିଶେଷଙ୍କ ସମ୍ପର୍କରେ ଘୋଷଣା କରିବି ଏବଂ ସେମାନଙ୍କର ଜନାୟା (ଅନ୍ତ୍ୟେଷ୍ଟି କ୍ରିୟା) ନମାଜ଼ ଜୁମା ପରେ ପଢିବି । ତନ୍ମଧ୍ୟରୁ ପ୍ରଥମ ହେଉଛନ୍ତି ଶ୍ରୀଯୁକ୍ତ ମୌଲାନା ଅବ୍ଦୁଲ୍ ଅଜ଼ିଜ୍ ସାଦିକ୍ ସାହେବ୍ ମୁବଲ୍ଲିଗେ ସିଲସିଲାଃ ବାଂଲାଦେଶଙ୍କର ଅଟେ । ତାଙ୍କର ମୃତ୍ୟୁ ୨୬ ଜୁଲାଇ ୨୦୧୮ ମସିହାରେ ହୋଇଥିଲା

اِنَّا لِلّٰهِ وَاِنَّا اِلَيْهِ رٰجِعُوْنَ ସେ ଚତୁର୍ଥ ଶ୍ରେଣୀରେ ଅଧ୍ୟୟନରତ ଥିବା ବେଳେ ଉଚ୍ଚ ଶିକ୍ଷା ନିମନ୍ତେ ସେ କ୍ୱାଦିୟାନକୁ ଚାଲି ଆସିଥିଲେ । ଯେଉଁଠାରେ କି ସେ ହଜ଼ରତ୍ ମସିଃ ମଉଦ୍ ଅ.ସଙ୍କ ସାହାବାମାନଙ୍କ ଗହଣରେ ରହି ଲାଳିତ ପାଳିତ ହୋଇ ସେମାନଙ୍କର ସାହଚର୍ଯ୍ୟ ସୁଯୋଗ ଲାଭ କରିଥିଲେ । ଯେତେବେଳେ ଭାରତ ବିଭାଜିତ ହେଲା ସେତେବେଳେ ଆନ୍ତର୍ଜାତୀୟ ଶିକ୍ଷାର୍ଥୀମାନଙ୍କୁ ନିଜ ଦେଶକୁ ଫେରିଯିବା ପାଇଁ ଆଦେଶ ହେଲା ସେତେବେଳେ ସେ ସ୍ୱଦେଶକୁ ଫେରିଆସିଥିଲେ । ସେ ଯାମିୟା ଅହମଦିୟା ରବୱାଃରୁ ଶାହିଦ୍ ଡ଼ିଗ୍ରୀ ପ୍ରାପ୍ତ କରିବା ପରେ ମୌଲବୀ ଫାଜ଼ିଲ ଡ଼ିଗ୍ରୀରେ ଉତ୍ତୀର୍ଣ୍ଣ ହୋଇଥିଲେ । ଏହାପରେ ବିଭିନ୍ନ କ୍ଷେତ୍ର ତଥା ଭୂଖଣ୍ଡରେ ମୁରବ୍ବୀ ତଥା ମୁବଲ୍ଲିଗ୍ ରୂପେ ସେବା କରିବାର ତାଙ୍କୁ ସୁଯୋଗ ମିଳିଥିଲା । କୋରାନ୍ କରିମର ଅନୁବାଦ, ରୂପରେଖ ପ୍ରଦାନକାରୀ ବୋର୍ଡରେ ସେ ସଦସ୍ୟଭାବେ ଶାମିଲ୍ ଥିଲେ । ତାଙ୍କୁ ଅସିରାନେ ରାହେ ମୌଲା (ଅଲ୍ଲାଃଙ୍କ ମାର୍ଗରେ କଏଦ୍ ହୋଇଥିବା) ରହିବାର ସମ୍ମାନ ମଧ୍ୟ ପ୍ରାପ୍ତ ହୋଅଛି । ପ୍ରପୀଡ଼ିତ ପରିବାର ବର୍ଗରେ ନିଜର ସ୍ତ୍ରୀ ବ୍ୟତୀତ ତିନି ପୁତ୍ରୀ ତଥା ଦୁଇଜଣ ପୁତ୍ର ଏବଂ ଅନେକ ନାତି ନାତୁଣୀମାନେ ରହିଛନ୍ତି । ଅଲ୍ଲାଃତାଲା ମୌଲାନା ଅବ୍ଦୁଲ୍ ଅଜ଼ିଜ୍ ସାଦିକ୍ ସାହେବଙ୍କୁ ମୋକ୍ଷ ପ୍ରଦାନ କରି ଓ ତାଙ୍କ ପ୍ରତି ଦୟା ତଥା ସଦବ୍ୟବହାର ପ୍ରଦର୍ଶନ କରନ୍ତୁ ଏବଂ ତାଙ୍କର ଆତ୍ମାକୁ ସଦଗତି ପ୍ରଦାନ କରନ୍ତୁ ତଥା ତାଙ୍କର ସନ୍ତାନ ମାନଙ୍କୁ ମଧ୍ୟ ତାଙ୍କର ପୁଣ୍ୟ, ସୁଗୁଣ ଗୁଡ଼ିକୁ ନିରବଛିନ୍ନଭାବେ ଜାରି ରଖିବାରେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍

ଅନ୍ୟ ଏକ ଜନାଜ଼ା ହେଉଛି ସ୍ୱର୍ଗତ ମହମ୍ମଦ୍ ଜ଼ଫୁଲ୍ଲାଃ ସାହେବ୍ ଶହିଦ୍ ଇବ୍ନେ ମୁକରରମ୍ ବଶାରତ୍ ସାହେବ ସୟେଦୱାଲା ନନ୍-କାନାଙ୍କର ଅଟେ । ସେ ୨୯ ଅଗଷ୍ଟରେ ନିଜ ଦୋକାନରେ ବସିଥିବା ସମୟରେ ଦୁର୍ବୃତ୍ତମାନେ ହଠାତ୍ ତାଙ୍କ ଉପରେ ଆକ୍ରମଣ କରି ତାଙ୍କୁ ଗୁଳିକରିବା ଫଳରେ ଘଟଣା ସ୍ଥଳରେ ହିଁ ପ୍ରାଣ ହରାଇ ସେ ବୀରଗତି ପ୍ରାପ୍ତ କରିଥିଲେ । اِنَّا لِلّٰهِ وَاِنَّا اِلَيْهِ رٰجِعُوْنَ

ଅଲ୍ଲାଃତାଲା ତାଙ୍କର ଆତ୍ମାକୁ ସଦଗତି ପ୍ରଦାନ କରନ୍ତୁ ଏବଂ ତାଙ୍କର ସମସ୍ତ ପରିବାର ବର୍ଗଙ୍କୁ ଧୈର୍ଯ୍ୟ ତଥା ସତସାହାସ ପ୍ରଦାନ କରନ୍ତୁ । ଅଲ୍ଲାଃତାଲା ତାଙ୍କୁ ମୋକ୍ଷ ପ୍ରଦାନ କରି ଓ ତାଙ୍କ ପ୍ରତି ଦୟା ତଥା ସଦବ୍ୟବହାର ପ୍ରଦର୍ଶନ କରି ଏବଂ ତାଙ୍କର ଆତ୍ମାକୁ ସଦଗତି ପ୍ରଦାନ କରନ୍ତୁ ତଥା ତାଙ୍କର ସନ୍ତାନ ମାନଙ୍କୁ ମଧ୍ୟ ତାଙ୍କର ପୁଣ୍ୟ, ସୁଗୁଣ ଗୁଡିକୁ ନିରବଛିନ୍ନଭାବେ ଜାରି ରଖିବାରେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍

.......................

**Khulasa Khutba Juma Huzoor Anwar a.b.a**
**31st AUG 2018**

................